# ତହସିଲ କାର୍ଯ୍ୟାଳୟ, ଭେଡ଼େନ, ଜିଲ୍ଲା-ବରଗଡ଼

ସଂଖ୍ୟା......1964.......... ତା......30.7.2020

OFFICE OF THE TAHASILDAR * BHEDEN DIST. BARGARH

ବିଷୟ - ଲଘୁ ଖଣିଜ ଉତ୍ସର ଦୀର୍ଘ ମିଆଦି ଲିଜଧାରୀ ଚୟନ ସମ୍ବନ୍ଧରେ ।

Ref. - ଏହି କାର୍ଯ୍ୟାଳୟର ବିଜ୍ଞାପନ ସଂଖ୍ୟା ନଂ.୧୭୮୬, ତା.୨୯.୦୬.୨୦୨୦ ଓ ନୋଟିସ ସଂଖ୍ୟା ୧୯୩୬, ତା.୨୭.୦୭.୨୦୨୦

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଭେଡ଼େନ ତହସିଲ ଅନ୍ତର୍ଗତ ଲଘୁ ଗଣିଜ ଉତ୍ସ ଗୁଡ଼ିକୁ (OMMC Rule-2016) ମୁତାବକ ଦୀର୍ଘ ମିଆଦି ଲିଜ୍ ସୁତ୍ରରେ ଆସନ୍ତା ୫ (ପାଞ୍ଚ) ବର୍ଷ ନିମନ୍ତେ ନିଲାମ ପାଇଁ ଦରଖାସ୍ତ ଗତ ତା.୨୩.୦୭.୨୦୨୦ ପର୍ଯ୍ୟନ୍ତ ଆହ୍ୱାନ କରାଯାଇଥିଲା । ପ୍ରାପ୍ତ ହୋଇଥିବା ଦରଖାସ୍ତ ଗୁଡ଼ିକ ତା.୨୪.୦୭.୨୦୨୦ ଦିବା ୧୧ଟା ସମୟରେ ତନଖି କରିବା ପାଇଁ ସ୍ଥିର କରାଯାଇଥିଲା । କିନ୍ତୁ କୋଭିଡ-୧୯ ହେତୁ ଜିଲ୍ଲାପାଳ ବରଗଡ଼ଙ୍କ ଆଦେଶ କ୍ରମେ ତା.୨୪.୦୭.୨୦୨୦ ରୁ ତା.୨୮.୦୭.୨୦୨୦ ପର୍ଯ୍ୟନ୍ତ ସଟ୍‌ଡାଉନ୍ ଘୋଷଣା କରାଯାଇଥିବାରୁ ଲିଜ୍‌ଧାରୀ ଚୟନ ଦିବସକୁ ନୋଟିସ ସଂଖ୍ୟା ୧୯୩୬, ତା.୨୪.୦୭.୨୦୨୦ ଦ୍ୱାରା ଅନିର୍ଦ୍ଧିଷ୍ଟ କାଳ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଥିଲା ।

ସ୍ପିଡ୍ ପୋଷ୍ଟ / ରେଜିଷ୍ଟ୍ରି ପୋଷ୍ଟ ମାଧ୍ୟମରେ ତା.୨୩.୦୭.୨୦୨୦ ସନ୍ଧ୍ୟା ଘ.୫.୦୦ ସୁଦ୍ଧା ପ୍ରାପ୍ତ ହୋଇଥିବା ଟେଣ୍ଡର ପେପର ଆସନ୍ତା ତା.୦୬.୦୮.୨୦୨୦ରିଖ ଦିବା ଘ.୧୧.୦୦ ସମୟରେ ଲିଜ୍ ଦରଖାସ୍ତକାରୀ କିମ୍ୱା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତ ଗୁଡ଼ିକ ତନଖି କରାଯାଇ ସର୍ବୋଚ୍ଚ ଅତିରିକ୍ତ ଦେୟ ଉଲ୍ଲେଖ କରିଥିବା ଭିତ୍ତିରେ ଯୋଗ୍ୟ ଲିଜ୍‌ଧାରୀ ଚୟନ କରାଯିବ । ଯେଉଁ ଉତ୍ସ ଗୁଡ଼ିକର ନିର୍ଦ୍ଧାରିତ ତାରିଖ ରେ ଆବେଦନ ପତ୍ର ମିଳିନଥିବ କିମ୍ୱା ଲିଜ୍ ଚୂଡ଼ାନ୍ତ ହୋଇ ନଥିବ ସେହି ଉତ୍ସ ଗୁଡ଼ିକ ପାଇଁ ଦ୍ୱିତୀୟ ଓ ତୃତୀୟ ଥର ପାଇଁ ଯଥାକ୍ରମେ ତା.୧୩.୦୮.୨୦୨୦ ରିଖ ଓ ତା.୨୦.୦୮.୨୦୨୦ରିଖ ୧୨ ଘଟିକା ପର୍ଯ୍ୟନ୍ତ ଆବେଦନ ଗ୍ରହଣ କରାଯିବ ଏବଂ ଉକ୍ତ ଦିନ ଅପରାହ୍ନ ଘ.୩.୦୦ ଘଟିକା ସମୟରେ ପୂର୍ବମତେ ଦରଖାସ୍ତ ଗୁଡ଼ିକ ତନଖି କରି ଲିଜ୍‌ଧାରୀ ଚୟନ କରାଯିବ ।

ତହସିଲଦାର, ଭେଡ଼େନ
TAHASILDAR
BHEDEN

ଜ୍ଞାପିକ ସଂଖ୍ୟା......1965.........., ତା......30.7.2020

ଏହାର ଏକକିତା ନକଲ ଜିଲ୍ଲାପାଳ ବରଗଡ଼ / ଉପଜିଲ୍ଲାପାଳ ବରଗଡ଼ / ଭେଡ଼େନ ତହସିଲର ସମସ୍ତ ରାଜସ୍ୱ ନିରୀକ୍ଷକ / ଅଫିସ ନୋଟିସ ବୋର୍ଡ / ଭେଡ଼େନର ସମସ୍ତ ଗ୍ରାମ ପଞ୍ଚାୟତ ଅଫିସର ଅବଗତ ତଥା ଇସ୍ତାହରରେ ବହୁଳ ପ୍ରଚାର ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ଭେଡ଼େନ
TAHASILDAR
BHEDEN